## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ନେପାଳି ହଟିଂରେ ଶନିବାର ସନ୍ଧ୍ୟା ସମୟରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଯୁବକ ବିରୁ ଥାପାଙ୍କ ମୁଣ୍ଡ ଫାଟି ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ତାଙ୍କ ବାପା ଖଡ଼କ ବାହାଦୁର ଥାପା ଥାନାରେ ଅଭିଯୋଗ କରିଛନ୍ତି। ବିରୁ ଘର ପାଖରେ ମୋବାଇଲରେ ଗେମ ଖେଳୁଥିଲେ। ସେହି ସମୟରେ ସ୍ଥାନୀୟ ହଟିଂର ଜଣେ ଯୁବକ ତାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସେ ଶହେ ଟଙ୍କା ଦେବାରୁ ତାକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ବିରୁଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ସଂକ୍ଷେପରେ

## ଚୋରା କରତକଳରେ ଚଢ଼ାଉ ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ

ନୀଳଗିରି, ୧୮।୨(ସ୍ୱ.ପ୍ର.)-ନୀଳଗିରି ରେଞ୍ଜର ଆଇଶା ଏ ନିଶା ବିଶେଷସୂତ୍ରରୁ ଖବର ପାଇ ମୁଖୁରା ଗ୍ରାମରେ ଏକ ଚୋରା କରତକଳ ଉପରେ ଚଢ଼ାଉ କରିଛନ୍ତି। ବହୁଦିନ ଧରି ମିତ୍ରପୁର ବିଟ୍‌ହାଉସ୍ ଅଧୀନ ମୁଖୁରା ଗ୍ରାମରେ ବେଆଇନ ଭାବେ ଏକ କରତକଳ ଚାଲୁଥିବା ନେଇ ରେଞ୍ଜରଙ୍କ ନେତୃତ୍ୱରେ ଏକ ବନ ବିଭାଗର ଟିମ୍ ଚଢ଼ାଉ କରିଥିଲେ। ୨୯ଖଣ୍ଡ ଶାଳଗଣ୍ଡି ସହ କରତକଳର ଯନ୍ତ୍ରାଂଶ ଜବତ କରିଥିଲେ। ଘଟଣାସ୍ଥଳରେ କରତ କଳ ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ। ଚଢ଼ାଉରେ ରେଞ୍ଜରଙ୍କ ସହିତ ସରୋଜ ପ୍ରଧାନ, ରାମ ଲେଙ୍କା, ମନୋରଞ୍ଜନ ସିଂ, କବିତା ମହାକୁଡ଼ ଓ ନୀଳଗିରି ପୋଲିସ ସାମିଲ ଥିଲେ।

## ସତ୍‌ଚିନ୍ତା, ସତ୍‌କର୍ମ, ସତ୍‌ମାର୍ଗ ଅବଲମ୍ବନ କରିବାକୁ ଶପଥ

ବାଲିଆପାଳ, ୧୮।୨(ସ୍ୱ.ପ୍ର.)
ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଜଗାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶନିବାର ମହାଶିବରାତ୍ରୀ ଅବସରରେ ୮୭ତମ ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ରମା ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଡ଼ାଶ ସରପଞ୍ଚ ଜଗନ୍ନାଥ ବିଶ୍ୱାଳ, ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ଅଜୟ କୁମାର ସାହୁ, ଉଷ୍ମାର ସମ୍ପାଦକ ବିଜୟ କୁମାର ପାତ୍ର, ଖବରଦାତା ଗୋପାଳ ଚନ୍ଦ୍ର ସାହୁ, ଡା. ସରୋଜିନୀ ପଣ୍ଡା, ଡା. କାର୍ତ୍ତିକ ଆଚାର୍ଯ୍ୟଙ୍କ ସହିତ ବ୍ରହ୍ମାକୁମାରୀ ଆରାଧନା ଭଉଣୀ, ବ୍ରହ୍ମାକୁମାର ଶ୍ରୀହରି ଭାଇ, ବ୍ରହ୍ମାକୁମାର ଦୀପକ ଭାଇ ପ୍ରମୁଖ ଯୋଗଦେଇ ଶିବ ଜୟନ୍ତୀର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। କେନ୍ଦ୍ରର ମୁଖ୍ୟ ପରିଚାଳକ ବ୍ରହ୍ମାକୁମାର ସଚିନ୍ଦ୍ର ଭାଇ ଶିବରାତ୍ରୀରେ ପ୍ରତିବର୍ଷ ପରମାତ୍ମାଙ୍କର ସର୍ବ ଆତ୍ମାଙ୍କ ପ୍ରତି ଈଶ୍ୱରୀୟ ସନ୍ଦେଶ ତ୍ରିମୂର୍ତ୍ତି ଶିବ ଜୟନ୍ତୀ (ଶିବରାତ୍ରୀ)ର ଆଧାତ୍ମିକ ରହସ୍ୟକୁ ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଆଧାତ୍ମିକ ସତ୍‌ସଙ୍ଗ ସହିତ ଜନ୍ମଦିନ କେକ୍ କଟାଯାଇଥିଲା। ଏଥିସହିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ସେହି ପତାକା ତଳେ ସମସ୍ତେ ସତ ଚିନ୍ତା, ସତ୍‌କର୍ମ ଓ ସତ୍‌ମାର୍ଗ ଅବଲମ୍ବନ କରିବାକୁ ଶପଥ ନେଇଥିଲେ।

# ସୂଚନା ଫଳକ ଫଟୋ ଲଗାଇ ଅର୍ଥ ହଡ଼ପ ଅଭିଯୋଗ

ଖଇରା,୧୮।୨(ଡି.ଏନ.ଏ.)


ରଟିଣା ପଞ୍ଚାୟତରେ ବିନା ଫଳକରେ ନିର୍ମାଣ ହୋଇଥିବା ଏକ ରାସ୍ତା।

ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ପଞ୍ଚାୟତରେ ବର୍ତ୍ତମାନ ଚାଲିଥିବା ଉନ୍ନୟନ କାର୍ଯ୍ୟ ମଧ୍ୟରୁ ଅଧିକାଂଶ କାମ ବିନା ଫଳକରେ ଶେଷ ହୋଇଛି। କାର୍ଯ୍ୟଗୁଡ଼ିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଏବଂ ନିର୍ମାଣ ହୋଇଥିବା ପ୍ରକଳ୍ପ ପାଇଁ ସୂଚନା ଫଳକ ଲଗାଯିବା ପରିବର୍ତ୍ତେ କମ୍ପ୍ୟୁଟରରୁ ଫଳକ ଫଟୋ ବାହାର କରି କାଗଜପତ୍ର ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ନେଇ ଗଡ଼ସାହି, ବଗଦିଆ, ଧନିଆବନ୍ଧ, ଆମ୍ବହତା, ରଟିଣା ଦେଉରୀସାହି, ତୁମ୍ବାପଦୀ, ଇଛାପୁର ଗ୍ରାମର ଅଧିବାସୀମାନେ ଅଭିଯୋଗ କରିଛନ୍ତି।
ଅଭିଯୋଗ ଅନୁଯାୟୀ ୬ମାସ ମଧ୍ୟରେ ଉକ୍ତ ପଞ୍ଚାୟତରେ ୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ଗୋଟିଏ ହେଲେ କାର୍ଯ୍ୟରେ ସୂଚନା ଫଳକ ନିର୍ମାଣ ହୋଇନାହିଁ । ଏଥିମଧ୍ୟରେ ବଗଦିଆ କଂକ୍ରିଟ୍ ରାସ୍ତା,ଏନ୍‌ଆର୍‌ଇଜିଏସ୍‌ରେ ନାଳ ଖୋଳା, ସୁରେନ୍ଦ୍ର ନାୟକ ଘର ସମ୍ମୁଖ କଲଭର୍ଟ, ଚଣ୍ଡି ପଡ଼ିଆ ସିଆର୍‌ସି ସେଣ୍ଟର, ପଦ୍ମପୋଖରୀ ଓ ଦରପୋଖରୀ ଭଳି ପୋଖରୀ ଖୋଳା କାର୍ଯ୍ୟ ରହିଛି। ପ୍ରତ୍ୟେକ କାର୍ଯ୍ୟରେ ସୂଚନା ଫଳକ ପାଇଁ ୫ହଜାର ଟଙ୍କା ଖର୍ଚ୍ଚ କରିବାକୁ ବ୍ୟବସ୍ଥା ରହିଥିବା ବେଳେ କଂକ୍ରିଟ ଫଳକ ନିର୍ମାଣ ବଦଳରେ କାଗଜପତ୍ରରେ ଫଳକ ନିର୍ମାଣ ହୋଇଥିବା ଦେଖାଇ ଉକ୍ତ ଅର୍ଥ ହଡ଼ପ କରାଯିବାକୁ ଉଦ୍ୟମ କରାଯାଇଛି। କମ୍ପ୍ୟୁଟରରୁ ଫଳକ ଫଟୋ ପ୍ରିଣ୍ଟ ବାହାର କରି ଅନିୟମିତତାର ସବୁ ସିମା ଉଲ୍ଲଂଘନ ପାଇଁ ଉଦ୍ୟମ କରାଯାଇଛି। ଏ ସମ୍ପର୍କରେ ବ୍ଲକ କନିଷ୍ଠଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ଯେଉଁ କାର୍ଯ୍ୟରେ ଫଳକ ଲଗାଯାଇ ନାହିଁ ସେମାନଙ୍କ ବିଲ ପେମେଣ୍ଟ ହୋଇ ନ ଥିବା କହିଛନ୍ତି। ଉକ୍ତ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି।

## ଫାଇନାଲରେ ସମ୍ବଲପୁରକୁ ହରାଇଲା କୋଲକାତା



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଖେଳାଳି।

ଉଦଳା,୧୮।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ନାଗପାଳସ୍ଥିତ ରାବଣପୋଡ଼ି ଖେଳପଡ଼ିଆରେ ଆୟୋଜିତ ୬ଷ୍ଠ ସର୍ବଭାରତୀୟ ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ସମ୍ବଲପୁର ଏମ୍‌ଏମ୍‌ସିସିକୁ ହରାଇ କୋଲକାତା ଏ ଆଣ୍ଡ୍ ଏସ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୯ ରନ୍ କରିଥଲା। ଦଳ ପକ୍ଷରୁ ପୁରୁଷୋତ୍ତମ ୧୯ ଓ ଦାନିଷ ୧୧ ରନ୍ କରିଥିଲେ। କୋଲକାତା ଦଳ ୯.୪ ଓଭରରେ ୨ ଉଇକେଟରେ ୧୧୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପଙ୍କଜ ୫୬ ଓ ରବିନ ମିଞ୍ଜ ୩୮ ରନ୍ ସଂଗ୍ରହ କରିଥିଲେ। ବାଲକୃଷ୍ଣ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପଙ୍କଜ କୁମାର, ଶ୍ରେଷ୍ଠ ବୋଲର ସକ୍ଷମ ଶର୍ମା ଏବଂ

### ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଅଭିଷେକ ପାଠକଙ୍କୁ ପୁରସ୍କୃତ କରାଯାଇଥିଲା। ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ମ୍ୟାଚ୍ ପରିଚାଳନା କରିଥିଲେ।
ପୁରସ୍କାର ବିତରଣ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ରଣଜୀ ଖେଳାଳି ବସନ୍ତ ମହାନ୍ତି ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଆଇଆଇସି ନିରୋଜ ସାମଲ, ଅମିୟ ବଳ, ସନ୍ତୋଷ ବାଛିନୀ, ସବିତା ହାଁସଦା, ରବୀନ୍ଦ୍ର ପରିଡ଼ା ଓ ସନ୍ତୋଷ ଓତା ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ବାବୁ ସେନା ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ଦାବି

ଚାନ୍ଦବାଲି, ୧୮।୨(ଡି.ଏନ.ଏ.)

ଐତିହାସିକ ପ୍ରାଚୀନ ନୌବାଣିଜ୍ୟ ସହର ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ପାଇଁ ୨୦୧୮ରେ ଚାନ୍ଦବାଲି ସବ୍‌ଡିଭିଜନ ଗଠନ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ସେତେବେଳେ ନୂତନ ଜିଲା ବା ସବ୍‌ଡିଭିଜନ ଘୋଷଣା କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ନ ଥିଲା। ଏବେ ସରକାର ନୂତନ ଜିଲା ଓ ସବ୍‌ଡିଭିଜନ ଘୋଷଣା କରିବାର ସମ୍ଭାବନା ଥିବାରୁ ଚାନ୍ଦବାଲିକୁ ସବ୍‌ଡିଭିଜନ ଘୋଷଣା ଦାବି ପୁର୍ନବାର ତେଜୁଛି। ଏନେଇ ସ୍ଥାନୀୟ ଡାକବଙ୍ଗଳାଠାରେ ଭଦ୍ରକ ଜିଲା ପରିଷଦର ପୂର୍ବତନ ସଭାପତି ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ନେତୃମଣ୍ଡଳୀ, ବୁଦ୍ଧିଜୀବୀ, ଚାନ୍ଦବାଲି ବଣିକ ସଂଘ, ବାର୍ ଆସୋସିଏଶନ ଏବଂ ବିଭିନ୍ନ ଗଣସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ସଂକଳ୍ପ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଗଠିତ ହୋଇଥିବା କ୍ରିୟାନୁଷ୍ଠାନ କମିଟିକୁ ପୁନଃଗଠିତ କରି ସାମାଜିକ କର୍ମୀ ସୁଧୀର ମହାନ୍ତିଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି। ଚାନ୍ଦବାଲିକୁ ସବ୍‌ଡିଭିଜନ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ତୃଣମୂଳସ୍ତରରୁ ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବିଜେଡି ନେତା ପ୍ରତାପ ଧଳ, ନରେଶ ମାଝୀ, ରଞ୍ଜନ ସାହୁ, କଂଗ୍ରେସର ନିର୍ମଳ ଚନ୍ଦ୍ର ରାଉତ, ବୃନ୍ଦାବନ ମହାଳିକ, ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଉପେନ୍ଦ୍ର ରାଉଳ, ସିପିଆଇ ନେତା ସଞ୍ଜୟ ଓଝା, ଗୌରହରି ମିଶ୍ର, ଭାଗୀରଥି ରାଉତ, ସିପିଆଇ(ଏମ୍) ନେତା ମଳୟ ଭୋଇ, ବିକାଶ ନାଥ, ବାର୍ ଆସୋସିଏଶନ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ ମହାନ୍ତି, ଆଇନଜୀବୀ ପ୍ରଭାସ ଶୁଭଦର୍ଶନ ମହାନ୍ତି, ବଣିକ ସଂଘ ସଭାପତି ସରୋଜ ବଳ, ସମ୍ପାଦକ ଗୋପରାମ୍ ଅଗ୍ରୱାଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ନିଆଁ

ପାଟଣା,୧୮।୨(ସ୍ୱ.ପ୍ର): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ପଦ୍ମପୁର ସଂରକ୍ଷିତ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ନିଆଁ ଲାଗି ଶହରୁ ଊର୍ଦ୍ଧ୍ୱ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲ ନିଆଁ ଗାଁ ମୁହାଁ ହେବା ଫଳରେ ଲୋକଙ୍କ ମନରେ ଭୟ ସଂଚାର ହୋଇଛି। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ବନ ବିଭାଗ ସନ୍ଦେହ କରୁଛି। ନିଆଁ ଲାଗିବା କାରଣ ଖୋଜିବା ସହ ବନ ବିଭାଗ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଏପି ଟାଇଗର ଚାମ୍ପିୟନ



ବିଜେତା ଦଳ ଅତିଥିଙ୍କ ନିକଟରୁ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

ଚମ୍ପୁଆ,୧୮।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ଗୋଧୁଳିଠାରେ ୩ ଦିନ ଧରି ଚାଲିଥିବା ରାତ୍ରକାଳୀନ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଏପି ଟାଇଗର ପାଞ୍ଚପୋଖରିଆ ଦଳ ବାବା ରାଜେନ ଏକାଦଶକୁ ହରାଇ ଚମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଏନ୍‌ଏସିର କାଉନ୍‌ସିଲର ଛତ୍ରପତି ନାଏକ ଯୋଗଦେଇ ଖେଳାଳୀମାନଙ୍କୁ ଖେଳୁଆଡ ମନଭାବ, ଶୃଙ୍ଖଳିତ ଖେଳ ପ୍ରଦର୍ଶନ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ଅର୍ଥ ରାଶି ସହିତ ମୁଖ୍ୟ ଅତିଥି ନାଏକ ପ୍ରଦାନ କରିଥିଲେ। ମୋହନ ନାଏକ, ମନୋଜ ନାଏକ, ରାଜେଶ ନାଏକ, ରତିକାନ୍ତ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ପରିବାର କଲ୍ୟାଣ ଅସ୍ତ୍ରୋପଚାର କରିବାରୁ ଘରୁ ତଡ଼ିଦେଲେ ସ୍ୱାମୀ

# ୧୧ ଛୁଆଙ୍କୁ ଧରି ଗଛମୂଳେ ମା’

କେନ୍ଦୁଝର, ୧୮।୨(ସ୍ୱ.ପ୍ର.)

ଏବେବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ବାନ୍ଧି ରହିଛି। ବାରମ୍ବାର ସଚେତନତା ସତ୍ତ୍ୱେ ଲୋକେ ଏଥିରୁ ନିବୃତ୍ତ ହେଉନାହାନ୍ତି। ବାରମ୍ବାର ପ୍ରସବ କରି ୧୧ଛୁଆ ଜନ୍ମ ଦେବା ପରେ ଦୁର୍ବଳ ହୋଇପଡିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଜଣେ ଆଦିବାସୀ ମହିଳା ପରିବାର କଲ୍ୟାଣ ଅସ୍ତ୍ରୋପଚାର କରାଇଥିଲେ। ଏହା ତାଙ୍କ ସ୍ୱାମୀ ଜାଣିବା ପରେ ଘରୁ ତଡ଼ି ଦେଇଛନ୍ତି। ମହିଳା ଜଣଙ୍କ ୩ ଦିନ ହେଲା ପିଲାମାନଙ୍କୁ ଧରି ଘର ବାହାରେ ଥିବା ଆମ୍ବଗଛ ମୂଳେ ଉପବାସରେ ପଡ଼ିରହିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ୍ ସଲେଇକେନା ପଞ୍ଚାୟତ ଡିମିରିଆ ଗ୍ରାମରେ। ଗ୍ରାମର ରବି ଦେହୁରୀ ୧୫ ବର୍ଷ ତଳେ ଉକ୍ତ ଜାନକୀ ଦେହୁରୀଙ୍କୁ ବିବାହ କରିଥିଲେ। ତାଙ୍କର ୧୦ ସନ୍ତାନ ଥିବା ବେଳେ ଜାନୁୟାରୀ ୧୯ ରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପୂର୍ବରୁ ଏକ କନ୍ୟା ସନ୍ତାନଙ୍କ ମୃତ୍ୟୁ ହୋଇଛି। ଆଗରୁ ବହୁବାର ଡାକ୍ତରୀ ପରାମର୍ଶ ସତ୍ତ୍ୱେ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରି ନ ଥିଲେ। ତେବେ ବହୁ କଷ୍ଟ ଯନ୍ତ୍ରଣା ଭୋଗୁଥିବାରୁ ଡାକ୍ତରଖାନା କର୍ମଚାରୀଙ୍କ ପରାମର୍ଶକ୍ରମେ ଗତ ୧୪ ତାରିଖ ଦିନ ଅସ୍ତ୍ରୋପଚାର କରାଇଥିଲେ। ମାତ୍ର ଏ ବିଷୟରେ ସ୍ୱାମୀ ଜାଣିବା ପରେ ଗାଳିଗୁଲଜ କରି ଘରୁ ବାହାର କରିଦେଇଥିଲେ। ଫଳରେ ଘର ନିକଟରେ ଥିବା ଆମ୍ବଗଛ ମୂଳରେ ପିଲାଙ୍କୁ ଧରି ଆଶ୍ରୟ ନେଇଥିବା ଜାନକୀ କହିଛନ୍ତି। ପ୍ରଶାସନ ପକ୍ଷରୁ ମହିଳା ଓ ନବଜାତ ଶିଶୁପୁତ୍ରଙ୍କୁ ଶନିବାର ଚିକିତ୍ସା ପାଇଁ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭୂୟାଁ ସମ୍ପ୍ରଦାୟରେ ଅସ୍ତ୍ରୋପଚାର ପରେ ମହିଳାମାନେ ପୂର୍ବ ପୁରୁଷଙ୍କ ପିଣ୍ଡରେ ପାଣି ଦେବା, ପୂଜା


ପିଲାମାନଙ୍କ ସହ ଜାନକୀ।

### ବୁଝାଇବାକୁ ଗଲେ ଧନୁତୀର ଧରି ଗୋଡ଼ାଉଛନ୍ତି

କରିବାରୁ ବଞ୍ଚିତ ହେବା ପରମ୍ପରା ରହିଛି। ଏଣୁ ତାଙ୍କୁ ନ ପଚାରି କାହିଁକି ଏଭଳି କରାଯାଇଛି ବୋଲି ମହିଳାଙ୍କ ସ୍ୱାମୀ ରବି ଦେହୁରୀ କହିଛନ୍ତି। ଜାନକୀ ପ୍ରତ୍ୟେକ ବର୍ଷ ଗୋଟିଏ ଲେଖାଏଁ ସନ୍ତାନ ଜନ୍ମ କରି କଷ୍ଟ ପାଉଥିଲେ। ବୁଝାଇବାକୁ ଗଲେ ଧନୁତୀରରେ ତାଙ୍କ ସ୍ୱାମୀ ମାରିବାକୁ ଗୋଡ଼ାଉଛନ୍ତି ବୋଲି ଆଶା ଦିଦି ବିଜୟଲକ୍ଷ୍ମୀ ବିଶ୍ୱାଳ କହିଛନ୍ତି। ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ବିଡିଓ ଓ ତହସିଲଦାରଙ୍କୁ ରିପୋର୍ଟ ଦେବାକୁ କହିଛି। ପରେ ତାଙ୍କ ସ୍ୱାମୀ ତଥା ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଥଇଥାନ ବ୍ୟବସ୍ଥା କରାଯିବ।

# ରାତିସାରା ସାଂସ୍କୃତିକ କାର୍ଯ୍ୟକ୍ରମ

ବାହାନଗା, ୧୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ପ୍ରମୁଖ ଶୈବପୀଠ ଓଡଶାଳ ଓ ଖେରଙ୍ଗ ସମେତ ଅନ୍ୟ ଶିବମନ୍ଦିରରେ ଜାଗର ଉପଲକ୍ଷେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ବାହାନଗା ବ୍ଲକର ଓଡ଼ଶାଳ ଗ୍ରାମର ବାବା ବସେଶ୍ୱର ଓ ଖେରଙ୍ଗର ବାବା ବିଶେଶ୍ୱର ଶୌବପୀଠ, ସାଉଡ୍ଡୁ ଗ୍ରାମର ତ୍ରିକୂଟେଶ୍ୱର ମହାଦେବ, ଥାଳସଡା ଗ୍ରାମର ବାବା କୁସୁଳେଶ୍ୱର ମହାଦେବ ପୀଠ, ବାହାନଗାସ୍ଥିତ ବଡ଼ଗାଁ, ଷଠୀ, ଆପିତିରା ସୁବର୍ଣ୍ଣେଶ୍ୱର ମହାଦେବ, ଗୋପାଳପୁର, ପାଇକାସ୍ତା, ଫତେପୁର, କରଞ୍ଜାବିନ୍ଧା ଗ୍ରାମର ତ୍ରିନାଥ, କୁରୁଡା ଶିବମନ୍ଦିର, କୋଚିଆକୋଇଲି, ଆରୁହାବାଡ ଅପୂଜା ମହାଦେବ, କସବାଜୟପୁର, ପଥରପେଣ୍ଟ, ଦାଣ୍ଡହରିପୁର ଆଦି ଗ୍ରାମରେ ଥିବା ମହାଦେବ ପୀଠରେ ଜାଗରଯାତ୍ରା ନିମନ୍ତେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ସହିତ ମନ୍ଦିର କମିଟି ତରଫରୁ ଆକର୍ଷଣୀୟ ସାଜସଜା କରାଯିବା ସହିତ ମନ୍ଦିର ପରିସରରେ ରାତିସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ମନ୍ଦିର କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।


କୁସୁଳେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ‘ଓଁ ନମଃ ଶିବାୟ’ ଧ୍ୱନିରେ କମ୍ପିଲା

ବାଲେଶ୍ୱର ଅଫିସ,୧୮।୨

ବାଲେଶ୍ୱର ଜିଲାର ପ୍ରମୁଖ ଶୈବପୀଠରେ ଭକ୍ତିମୟ ପରିବେଶରେ ମହାଶିବରାତ୍ରୀ ପାଳିତ ହୋଇଛି। ଏଥିପାଇଁ ଗାଁଠାରୁ ସହରଯାଏ ପ୍ରତ୍ୟେକ ଶିବମନ୍ଦିର ‘ଓଁ ନମଃ ଶିବାୟ’ ଧ୍ୱନିରେ ପ୍ରକମ୍ପିତ ହୋଇଛି। ଏହି ଅବସରରେ ବାଲେଶ୍ୱରର ପୁରୁଣା ବାଲେଶ୍ୱରସ୍ଥିତ ବାଣେଶ୍ୱର, ସାରଗାଁସ୍ଥିତ ବକ୍ରେଶ୍ୱର, ବର୍ଦ୍ଧନପୁରସ୍ଥିତ ମଣିନାଗେଶ୍ୱର, ସେରଗଡ଼ସ୍ଥିତ ଖଜୁରେଶ୍ୱର ଏବଂ ରେମୁଣାର ଗର୍ଗେଶ୍ୱର ଆଦି ପୁରାତନ ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ବାଲେଶ୍ୱର ସହର ପ୍ରସିଦ୍ଧ ଶୈବପୀଠ ଝାଡ଼େଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ ଓ ପୂଜାର୍ଚ୍ଚନ କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଶିବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମହିଳା ଏବଂ ପୁରୁଷ ଭକ୍ତଙ୍କ ପାଇଁ ଅଲଗା ବ୍ୟାରିକେଡ ସହ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଜାଗର ଜାଳିବା ବେଳେ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ବ୍ୟାପକ ବ୍ୟବସ୍ଥା କରାଯାଇଛି।


ମନ୍ଦିରରେ ଲୋକଙ୍କ ଭିଡ଼।

## ବିଭିନ୍ନ ଶୈବପୀଠରେ ଭିଡ଼

ଧାମନଗର,୧୮।୨ (ଡି.ଏନ.ଏ.)

ଧାମନଗର ବ୍ଲକର ବିଭିନ୍ନ ଶୈବପୀଠ ଓ ମନ୍ଦିରରେ ମହାଶିବରାତ୍ରି ଅବସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କରଦା ପଞ୍ଚାୟତ ଖଙ୍ଗରାସ୍ଥିତ ପ୍ରସିଦ୍ଧ ଶୈବପୀଠ କିଲାଳେଶ୍ୱର ମନ୍ଦିରରେ ଶନିବାର ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ସେହିପରି ଆନନ୍ଦପୁରର ଜଗଦେଶ୍ୱର ମନ୍ଦିର ଓ ହରିହର ମହାଦେବ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଧାମନଗରର ଧର୍ମେଶ୍ୱର ମହାଦେବ, ଶାମପୁରର ଲିଙ୍ଗେଶ୍ୱର ମହାଦେବ, ଇଚ୍ଛଦାର ତପନେଶ୍ୱର, ପଳିକିରିର ଉତ୍ତରେଶ୍ୱର, ଭଗବାନପୁର ଭକ୍ତେଶ୍ୱର ଆଦି ମନ୍ଦିରରେ ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବହୁ ଶୈବପୀଠରେ ରାତିରେ ମହାଦେବଙ୍କ ରୁଦ୍ରାଭିଷେକ କରାଯାଇଥିବାବେଳେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବାର ଦୃଶ୍ୟ ଦେଖିବା ପାଇଁ ଭକ୍ତମାନେ ଦୀପ ଜାଳି ଉଜାଗର ରହିଥିଲେ।

## ଉଜାଗର ରହି ଦୀପ ଜାଳିଲେ


ଲୋକନାଥ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ଭଦ୍ରକ ଅଫିସ,୧୮।୨

ଜାଗର ଯାତ୍ରା ପାଇଁ ଶନିବାର ଭଦ୍ରକ ଜିଲାର ସମସ୍ତ ଶୈବପୀଠରେ ଭିଡ଼ ପରିଲକ୍ଷିତ ହୋଇଛି। କୋଭିଡ୍ କଟକଣା ଯୋଗୁ ଦୁଇବର୍ଷ ଜାଗର ଯାତ୍ର ବନ୍ଦ ରହିଥିଲା। ଚଳିତବର୍ଷ କଟକଣା ନ ଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉଜାଗର ରହି ମାନସିକ ଦୀପ ଜାଳିଥିଲେ। ଆରଡ଼ି ଆଖଣ୍ଡଳମଣି ପୀଠ, ବନ୍ତ ବ୍ଲକର ଅଣିଜୋସ୍ଥିତ ସିନ୍ଧୁକେଶ୍ୱର ପୀଠ, ଭଦ୍ରକର ବାବା ଲୋକନାଥ ଓ ନୀଳଲୋହିତଙ୍କ ପୀଠରେ ଜାଗର ଯାତ୍ରା ପାଇଁ ଭିଡ଼ ଲାଗିଥିଲା। ସକାଳୁ ଲୋକନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଭୋଗ ସହ ଫୁଲଛତା ଧରି ବାବାଙ୍କ ଦର୍ଶନ କରିବା ସହିତ ଭୋଗ ଲାଗି କରିଥିଲେ। ଉପବାସ ରହି ସନ୍ଧ୍ୟାରେ ଦୀପ ଜାଳି ନିଜର ମଙ୍ଗଳ କାମନା ପାଇଁ ବାବାଙ୍କୁ ପ୍ରାର୍ଥନା କରିଥିଲେ। ଲୋକନାଥ ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁ ଦୀପ ଜାଳିଥିଲେ।

# ଶିବ ନାମରେ ପ୍ରକମ୍ପିତ ମନ୍ଦିର

ଯୋଡ଼ା,୧୮।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ବିଭିନ୍ନ ମନ୍ଦିରରେ ମହା ଶିବରାତ୍ରୀ ପାଳନ କରାଯାଇଛି। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିବା ବେଳେ ଶିବ ନାମରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ବଡ଼ବିଲଠାରେ ଥିବା ପ୍ରଜାପିତା ବ୍ରହ୍ମକୁମାରୀ ସେବା କେନ୍ଦ୍ର ପକ୍ଷରୁ ବଡବିଲ, ଯୋଡ଼ା ତଥା ଆଖପାଖ ଅଞ୍ଚଳରେ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଡ଼ା ପୂର୍ବତନ ନଗରପାଳ ରବୀନ୍ଦ୍ର ଦାସ, ବରିଷ୍ଠ ଖବରଦାତା ସିରିଶ ଚନ୍ଦ୍ର ମହାନ୍ତ, ମୁଖ୍ୟ ଆୟୋଜକ ବ୍ରହ୍ମକୁମାରୀ ବି କେ ଜୟନ୍ତୀ ଉପସ୍ଥିତ ଥିଲେ। ସେହିପରି ଜରିବାହାଲସ୍ଥିତ ତାରିଣୀ ମନ୍ଦିରରେ ମହାଶିବରାତ୍ରି ପାଳନ କରାଯାଇଛି। ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟି ମୁଖ୍ୟ ସୁରେନ୍ଦ୍ରନାଥ ମହାନ୍ତି ସୂଚନା ଦେଇଥିଲେ।

# ମହାଶିବରାତ୍ରିରେ ଶୈବପୀଠ ଚଳଚଞ୍ଚଳ

ବାରିପଦା ଅଫିସ,୧୮।୨

ମୟୂରଭଞ୍ଜ ଜିଲାର ସମସ୍ତ ଶୈବପୀଠ ଗୁଡ଼ିକ ମହାଶିବରାତ୍ରୀରେ ଚଳଚଞ୍ଚଳ ହୋଇଉଠିଛି। ବ୍ରତୀମାନେ ନିଷ୍ଠାର ସହ ଜାଗର ଜାଳି ମହାପ୍ରଭୁଙ୍କ ଶୁଭ ମନାସିଛନ୍ତି। ଅନୁକୂଳ ପାଗ ଯୋଗୁ ଜିଲାରେ ଥିବା ବିଭିନ୍ନ ଶୈବ ପୀଠ ଗୁଡ଼ିକରେ ଭକ୍ତଙ୍କ ସମାଗମ ଦେଖାଯାଇଥିଲା। ଜିଲାର ଖିଚିଂ, ମାଣତ୍ରୀର ବାବା କଖାରୁଆ ବୈଦ୍ୟନାଥ ପୀଠ, କପ୍ତିପଦା ଝିଙ୍କପଦାର ବାବା ଝିଙ୍କେଶ୍ୱର, ବାଙ୍ଗିରିପୋଷି ଶିମିଳାର ଶିମେଳେଶ୍ୱର, ଝାରପୋଖରିଆର ବାବା ଲୋକନାଥ ଶୈବପୀଠ, ଦେବଶୋଳ ଆଦି ବିଭିନ୍ନ ଶୈବପୀଠରେ ଭକ୍ତମାନେ ନିମୟମାନି ପ୍ରଭୁଙ୍କ ପୂଜାପାଠ କରିବା ସହ ଦର୍ଶନ କରିଛନ୍ତି। ବାରିପଦା ସହରର ବାରୁଣୀଘାଟରେ ଥିବା ବାରୁଣେଶ୍ୱର ଶୈବପୀଠରେ ସକାଳଠାରୁ ଦିନତମାମ ଭକ୍ତମାନଙ୍କ ଲମ୍ବା ଲାଇନ ଲାଗିଥିଲା। ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଶ୍ରଦ୍ଧାଳୁମାନେ ଏହି ମନ୍ଦିରକୁ ଆସି ପୂଜାର୍ଚ୍ଚନା କରୁଥିବାର ଦେଖାଯାଇଥିଲା । ସହର ଉପକଣ୍ଠ ବୁଢ଼ାବଳଙ୍ଗ, ଚିପଟ ଓ ଇଟଯୋଡ଼ି ନଦୀ ସଙ୍ଗମସ୍ଥଳରେ ଅବସ୍ଥିତ ଓ ଦକ୍ଷିଣାବର୍ତ୍ତ ତନ୍ତ୍ରପାଠ ଭାବରେ ପରିଚିତ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ବୁଢ଼ାରାଉଳ ମହାଦେବ ବା ଧ୍ୱନୀ ମଠରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରାଯାଇଥିଲା। ସହରର ଟ୍ରାଫିକ ଛକ ନିକଟସ୍ଥ ତ୍ରିବିକ୍ରମେଶ୍ୱର ମନ୍ଦିର, ତକପୁରସ୍ଥିତ ପାତାଳେଶ୍ୱର ମନ୍ଦିର, ବାଘଡ଼ାରେଡ ଓ ଭଞ୍ଜପୁର ଭଞ୍ଜେଶ୍ୱର ମନ୍ଦିର, ବେଲଗଡ଼ିଆସ୍ଥିତ ପଞ୍ଚାନନ ମନ୍ଦିର, ଶ୍ରୀ ଅମ୍ବିକେଶ୍ୱର ମହାଦେବ, ଝିଞ୍ଜିରିବନ୍ଧରେ ଥିବା ଶ୍ରୀ ଲୋକେଶ୍ୱର ମନ୍ଦିର, ମୁର୍ଗାବାଡ଼ି ମହାଦେବ ମନ୍ଦିର, ଭୁଗୁଡାକଟାରେ ଥିବା ଆଖଣ୍ଡଳ ମନ୍ଦିର, କାଳିମନ୍ଦିର ସହିରେ ଥିବା ଶ୍ମଶାନେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର ସମେତ ରାଜପ୍ରସାଦ ପରିସରରେ ଥିବା ସମସ୍ତ ଶୈବପୀଠ ଗୁଡିକରେ ଭକ୍ତମାନଙ୍କ ଭିଡ଼ ଦେଖାଯାଇଥିଲା। ପ୍ରତି ବର୍ଷ ପରି ମୟୂରଭଞ୍ଜ ଜିଲାର ମାଣତ୍ରୀ, ଦେବଶୋଳ, ଝିଙ୍କେଶ୍ୱର ଓ ଶିମିଳେଶ୍ୱର ଶୈବପୀଠ ଗୁଡିକରେ ୧୫ଦିନ ଧରି ଜାଗର ମେଳା ଚାଲି ଆସୁଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଆଳୁ ଗୋଦାମରେ ନିଆଁ

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ମାର୍କେଟ କମ୍ପ୍ଲେକ୍ସରେ ଶନିବାର ପୂର୍ବାହ୍ନରେ ଏକ ଆଳୁ ଗୋଦାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆଳୁ ପୋଡ଼ିଯାଇଛି। ମାଲିକ ସନ୍ତୋଷ ପାଣି ସକାଳୁ ଗୋଦାମ ଖୋଲି ଆଳୁ ଅନ୍ୟତ୍ର ଦେବା ପାଇଁ ଯାଇଥିବା ବେଳେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ସଟର ବନ୍ଦ ଥିବାରୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଥିଲା। ପରେ ସ୍ଥାନୀୟ ଲୋକେ ସଟର ଭାଙ୍ଗି ନିଆଁ ଲିଭାଇଥିଲେ।

## ସଂକ୍ଷେପରେ

### ଅପହୃତା ନାବାଳିକା ୨ମାସ ପରେ ଉଦ୍ଧାର

ବନ୍ତ,୧୮।୨(ଡି.ଏନ୍.ଏ)-ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ଅପହରଣର ଦୁଇମାସ ପରେ ଗୁରୁବାର ରାତିରେ ପୋଲିସ ଉଦ୍ଧାର କରିଛି। ପ୍ରକାଶ ଯେ, ଗତ ଡିସେମ୍ବର ୧୬ଠାରୁ ନାବାଳିକା ଜଣକ ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାତ୍ର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଳମ୍ବ କରୁଥିବା ନେଇ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିସହ ନାବାଳିକାଙ୍କ ପରିବାର ଲୋକେ ଡିସେମ୍ବର ୩୧ଠାରୁ ୧୫ ଦିନ ଧରି ଥାନା ଆଗରେ ଧାରଣାରେ ବସିଥିଲେ। ପୋଲିସ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ରଣା ଛକ ନିକଟରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି।

### ବସ-ଅଟୋ ମୁହାଁମୁହିଁ, ୩ ଆହତ

କେନ୍ଦୁଝର,୧୮।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ତେଲକୋଇ-ଜଗମୋହନପୁର ରାସ୍ତାର ହନୁମନ୍ତିଆ ନାଳ ନିକଟରେ ଏକ ବସ୍ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଶ୍ରୀକାନ୍ତ ନାମକ ବସ୍ ତେଲକୋଇରୁ ରାଉରକେଲା ଯାଉଥିବା ବେଳେ ହନୁମନ୍ତିଆ ନାଳ ନିକଟରେ ଅଟୋକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ୩ ଅଟୋ ଆରୋହୀ ଆହତ ହୋଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ଚୋରି ଟାୱାର ବ୍ୟାଟେରି ଜବତ, ଅଭିଯୁକ୍ତ ଫେରାର

ବନ୍ତ,୧୮।୨(ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମରୁ ପୋଲିସ ୪୮ ଚୋରି ଟାୱାର ବ୍ୟାଟେରି ଜବତ କରିଛି। ଚୋରିରେ ସମ୍ପୃକ୍ତ ଯୁବକ ଫେରାର ଥିବାରୁ ତାଙ୍କ ବାପାଙ୍କୁ ପୋଲିସ ଗିରଫ କରିଛି। ଶୁକ୍ରବାର ସନ୍ଧ୍ୟାରେ ଧାମନଗର, ଯାଜପୁର ଓ ପାଣିକୋଇଲି ଥାନାର ୩ ପୋଲିସ ଟିମ୍ ବନ୍ତ ପୋଲିସ ସହାୟତାରେ ଚଣ୍ଡିପୁର ଗ୍ରାମରେ ଚଢ଼ାଉ କରିଥିଲେ। ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୪୮ ଟାୱାର ବ୍ୟାଟେରି ଚଢ଼ାଉ ବେଳେ ପୋଲିସ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ଶିବ ଜୟନ୍ତୀ ଉପଲକ୍ଷେ ଆଧ୍ୟାତ୍ମିକ ପଦଯାତ୍ରା

ଚମ୍ପୁଆ,୧୮।୨(ଡି.ଏନ.ଏ): ପ୍ରଜାପିତା ବ୍ରହ୍ମକୁମାରୀ ଚମ୍ପୁଆ ଶାଖା ପକ୍ଷରୁ ୮୭ତମ ଶିବ ଜୟନ୍ତୀ ଉପଲକ୍ଷେ ଆଧ୍ୟାତ୍ମିକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାଖା ସଞ୍ଚାଳିକା ସୌଦାମିନୀ ଭଉଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରାକୁ ଚମ୍ପୁଆ ଏନ.ଏ.ସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ ଶାଖା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା କେନ୍ଦ୍ରଠାରୁ ବାହାରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନୁ, ଗାୟତ୍ରୀ, ସଙ୍ଗୀତା, ଲୋପା, ସସ୍ମିତା ଭଉଣୀମାନଙ୍କ ସହ ଜୟରାମ, ପ୍ରେମଚାନ୍ଦ, ବିନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ରହ୍ମକୁମାରୀ ଓ କୁମାରମାନେ ଯୋଗଦେଇଥିଲେ।

# ‘ଜୁନ୍ ସୁଦ୍ଧା ଆନନ୍ଦପୁର ବ୍ୟାରେଜ କାର୍ଯ୍ୟକ୍ଷମ’

**ମୁଖ୍ୟ ଶାସନ ସଚିବଙ୍କ ଆନନ୍ଦପୁର ଗସ୍ତ**

**ଉଠା ଜଳସେଚନ ପ୍ରକଳ୍ପ ଅଗ୍ରଗତି ଅନୁଧ୍ୟାନ କଲେ**



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କେନ୍ଦୁଝର ଜିଲାପାଳ ଆଶୀଷ ଠାକେର ଓ ଅଧିକାରୀମାନେ।

ଆନନ୍ଦପୁର/କେନ୍ଦୁଝର୧୮।୨(ସ୍ୱ.ପ୍ର./ ଡି.ଏନ୍.ଏ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆନନ୍ଦପୁର ଗସ୍ତ ଅବସରରେ ବ୍ୟାରେଜ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ଏହି ଘୋଷଣା କରିଥିଲେ। ଏଥିସହ ଅନ୍ୟାନ୍ୟ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ୨୦ ନଂ. ଜାତୀୟ ରାଜପଥର ବେଲବାହାଲିଠାରେ ନିର୍ମାଣାଧୀନ କୁଶେଇ ସେତୁ ପରିଦର୍ଶନ ପରେ ମୁଖ୍ୟ ଶାସନ ସଚିବ ବ୍ୟାରେଜ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବାମପାର୍ଶ୍ୱ ଓ ଡାହାଣପାର୍ଶ୍ୱ କେନାଲର ସ୍ଥିତିକୁ ଅନୁଧ୍ୟାନ କରିବା ସହିତ ଜୁନ୍ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବବୋଲିପ୍ରକାଶ କରିଥିଲେ। ଏହାସହିତ ଆନନ୍ଦପୁରଠାରେ ୬୦୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଯାଉଥିବା ଉଠାଜଳସେଚନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକଳ୍ପ ହେଲେ ଆନନ୍ଦପୁର ଅଞ୍ଚଳରେ ୫୦ ହଜାର ହେକ୍ଟର ଜମି ଜଳସେଚିତ ହେବ। କେନାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇ ଜୁଲାଇ ପରେ ୬ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବ। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଜିଲାରେ ୮୦ରୁ ୯୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ ବୋଲି ସୂଚନା ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ମୟୂରଭଞ୍ଜର ଦେଓ ପ୍ରକଳ୍ପ ପରିଦର୍ଶନରେ ଯାଇଥିଲେ।

ସୂଚନାଯୋଗ୍ୟ, ୨୦୦୯ ଜାନୁୟାରୀ ୯ରେ ୪୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। ୨୦୨୦ ଜାନୁୟାରୀ ୩୧ରେ ଲୋକାର୍ପଣ ହୋଇଥିଲେ ସୁଦ୍ଧା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ।

### ପ୍ରେସ୍‌ମିଟ ବର୍ଜନ କଲେ ଗଣମାଧ୍ୟମ ପ୍ରତିନିଧି

ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ସମ୍ପର୍କରେ ପ୍ରେସମିଟ୍ ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲା ପ୍ରଶାସନିକସ୍ତରରେ ସୂଚନା ଦିଆଯାଇଥିଲା। ସକାଳ ୯ଟାରେ ଆନନ୍ଦପୁର ବନବିଭାଗର ଶାଳପଡ଼ାସ୍ଥିତ ଡାକବଙ୍ଗଳାଠାରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଏହି କ୍ରମରେ ଆନନ୍ଦପୁରର ବହୁ ଗଣମାଧ୍ୟମ ପ୍ରତିନିଧି ଡାକବଙ୍ଗଳା ନିକଟରେ ଉପସ୍ଥିତ ରହିଥିଲେ। ମୁଖ୍ୟ ଶାସନ ସଚିବ ଆନନ୍ଦପୁରରେ ପହଞ୍ଚିବା ପରେ ଡାକବଙ୍ଗଳାରେ ଜିଲାପାଳ, ଜଳସମ୍ପଦ ବିଭାଗ ଅଧିକାରୀ, ଆନନ୍ଦପୁର ଉପଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟଦ୍ୱାରକୁ ବନ୍ଦ କରାଯାଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବାହାରେ ଅପେକ୍ଷା କରିବାକୁ କୁହାଯାଇଥିଲା। ଦୀର୍ଘସମୟ ଧରି ଖରାରେ ଛିଡ଼ା ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରି ଶେଷରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିଷ୍ପତ୍ତିକ୍ରମେ ସମୂହ ଭାବେ ଡାକବଙ୍ଗଳା ପରିସରରୁ ପଳାଇ ଆସିଥିଲେ।

# ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ

**ନଅଣାରେ ଇକୋ ରିଟ୍ରିଟ ଭିତ୍ତିପ୍ରସ୍ତର ଆଜି**

ବାରିପଦା ଅଫିସ/କରଞ୍ଜିଆ,୧୮।୨

ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଶନିବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। କରଞ୍ଜିଆଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀମାନଙ୍କ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ କେନାଲ କାର୍ଯ୍ୟ ଚାଲିଛି। ଏଥର ଖରିଫ ଏବଂ ରବି ଋତୁରେ ପୂର୍ଣ୍ଣମାତ୍ରାରେ ଜଳସେଚନ କରାଯିବ। ଏହାବ୍ୟତୀତ ଦେଓ ନଦୀବନ୍ଧକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିବା ଉଦ୍ଦେଶ୍ୟରେ ସେଠାରେ ୧୦ କଟେଜ ଥିବା ଇକୋ କ୍ୟାମ୍ପ ନିର୍ମାଣ କରି ପରିଦର୍ଶକଙ୍କ ପାଇଁ ରହିବା ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ପାଞ୍ଚପୀଢ଼ ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ହରିହର ବେହେରା, ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିକ୍ରମାଦିତ୍ୟ ପାଣିଗ୍ରାହୀ, ଯନ୍ତ୍ରୀ ପ୍ରଶ୍ନ କୁମାର ପାଣି, ଅଧିକ୍ଷଣ ଯନ୍ତ୍ରୀ ବିକ୍ରମ କେଶରୀ ମଲ୍ଲିକ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ମହାନ୍ତ, ତହସିଲଦାର ଚାର୍ଲସ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦାନନ୍ଦ ଓଡ଼ା, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରତ୍ନାକର ଶିଆଳ, ବାରିପଦା ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, କରଞ୍ଜିଆ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଆର୍‌ଡି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅକ୍ଷୟ କୁମାର ନାୟକ, ସହକାରୀ ଯନ୍ତ୍ରୀ ସଞ୍ଜିତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଚହଲାଠାରେ ମୁଖ୍ୟ ଶାସନ ସଚିବଙ୍କ ପାଇଁ ରାତ୍ରିଯାପନ ବ୍ୟବସ୍ଥା କରାଯାଇଛି। ରବିବାର ଅଭୟାରଣ୍ୟର ନଅଣା ରେଞ୍ଜ୍‌ରେ ନୂତନ ଭାବେ ହେବାକୁ ଥିବା ଇକୋ ରିଟ୍ରିଟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲାର ନଅଣା ଓ ସୁଲେଇପାଟଠାରେ ଦୁଇଟି ଇକୋ ରିଟ୍ରିଟ ହେବା ନେଇ ଘୋଷଣା କରାଯାଇଥିଲା।

# ‘ଏସ୍‌ଡିସିର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚୁ’



ମଞ୍ଚରେ ଏସଡିସିର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝି, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଅଧକ୍ଷ ସୁଶ୍ରୀ ଲକ୍ଷ୍ମୀ ନାଏକ ଓ ଅନ୍ୟମାନେ।

**ଜନଜାତି ସମ୍ମିଳନୀ**

କେନ୍ଦୁଝର,୧୮।୨(ସ୍ୱ.ପ୍ର.)

ଜନଜାତିମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି)ର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚୁ। ଏଥି ନିମନ୍ତେ ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କହିଛନ୍ତି। ଅଧକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକଙ୍କ ଅଧକ୍ଷତାରେ କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ଜନଜାତି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଉପଦେଷ୍ଟା ମାଝୀ ଏହି ମତ ରଖିଥିଲେ। ଉଦ୍‌ବୋଧନ ଛଳରେ ମାଝୀ କହିଥିଲେ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ପ୍ରତି ଶ୍ରେଷ୍ଠ ସମ୍ମାନ ଦେଇଛନ୍ତି। ପରିଷଦ ଗଠନର ଉଦ୍ଦେଶ୍ୟ ଏବଂ ଆକାଂକ୍ଷା ସମସ୍ତେ ଜାଣିବା ଦରକାର। ଜନଜାତି ମାନଙ୍କର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାର ସଂରକ୍ଷଣ ଓ ବିକାଶ ସହିତ ଜନଜାତି ଲୋକ କିପରି ସ୍ୱାବଲମ୍ବୀ ହେବେ ସେମାନଙ୍କର କିପରି ବିକାଶ ହେବ, ସେଥିପାଇଁ ଉନ୍ନୟନ ପରିଷଦ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳ ସହିତ ସହରାଞ୍ଚଳରେ ବସବାସ କରୁଥିବା ଜନଜାତିଙ୍କ କଲ୍ୟାଣ ନିମନ୍ତେ ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇପାରିବ ବୋଲି ଉପଦେଷ୍ଟା ମାଝୀ କହିଥିଲେ। ସମ୍ମିଳନୀରେ କେନ୍ଦୁଝର ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷ ନାରାୟଣ ପୂର୍ତ୍ତି, ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ପରିଷଦର ପୂର୍ବତନ ଅଧକ୍ଷ ରାମରାୟ ମୁନ୍ଦୁୟା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ଉପଦେଷ୍ଟା ମାଝୀ ଭୁବନେଶ୍ୱରରୁ କେନ୍ଦୁଝର ଆସିବା ରାସ୍ତାରେ ଘଟଗାଁଠାରେ ମା’ତାରିଣୀଙ୍କୁ ଦର୍ଶନ କରିଥିଲେ। ଘଟଗାଁଠାରେ ନିର୍ମିତ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

ବୈଶିଙ୍ଗା,୧୮।୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତ ଦେବସ୍ଥଳ ଗ୍ରାମର ଶତାବ୍ଦୀ ଅଧିକାରୀ ଶାଶୂଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଗ୍ରାମର ସଚ୍ଚିନ୍ଦ୍ର ଅଧିକାରୀଙ୍କ ପୁଅ ଦୀପକ ସହିତ ବାଲେଶ୍ୱର ଜିଲାର ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶ୍ରୀଜଙ୍ଗ ଗ୍ରାମର ଦୀପକ ଦାସ ମହାପାତ୍ରଙ୍କ ବଡ଼ ଝିଅ ଶତାବ୍ଦୀଙ୍କ ୨ ବର୍ଷ ପୂର୍ବେ ବିବାହ ହୋଇଥିଲା। ସେମାନଙ୍କ ୯ ମାସର ପୁଅ ଅଛି। ତେବେ ବିବାହର ଦୁଇ ବର୍ଷ ପରେ ଶାଶୂଘର ଲୋକେ ଯୌତୁକ ଆଣିବାକୁ ଦାବି କରିଥିଲେ। ମାତ୍ର ବାପଘର ଯୌତୁକ ଦେବାକୁ ଅକ୍ଷମ ଥିବା ଜଣାଇବା ପରେ ଶାରୀରିକ ନିର୍ଯାତନା ଦେଉଥିବା ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଶତାବ୍ଦୀଙ୍କ ମାଆ ଏ ସମ୍ପର୍କରେ ଜାଣି ଶନିବାର ଝିଅର ଶାଶୂଘରକୁ ଯାଇଥିବା ବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏ ଥାନାରେ (ନଂ .୫୬)ରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଲକ୍ଷ୍ମଣ ମୁର୍ମୁ କହିଛନ୍ତି।

# ସଡ଼କ ନିରାପତ୍ତା ସଚେତନତା ଶୋଭାଯାତ୍ରା




ସଚେତନତା ଶୋଭାଯାତ୍ରାରେ ଜଜ୍ ଏବଂ ଓକିଲମାନେ।

ଭଦ୍ରକ ଅଫିସ, ୧୮।୨

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନଳାଙ୍ଗସ୍ଥିତ ନୂଆ ଜିଲା କୋର୍ଟ ପରିସରରେ ସଡ଼କ ନିରାପତ୍ତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ସଚିବ ନେହା ଅଗ୍ରୱାଲ ଏହାକୁ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ଭଦ୍ରକ ପରିବାର ଅଦାଲତର ବିଚାରପତି ପ୍ରଜ୍ଞା ପାରମିତା ରାଉଳଙ୍କ ସମେତ ଅନ୍ୟାନ୍ୟ କୋର୍ଟ ବିଚାରପତି ଏବଂ ଓକିଲମାନେ ଯୋଗଦେଇ ମୋଟର ଦୁର୍ଘଟଣାଜନିତ ମକଦ୍ଦମା ସମ୍ପର୍କିତ ଆଇନ, ମୋଟର ଯାନ ଆଇନ ଓ ସଡ଼କ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ।

# ହିତାଧିକାରୀଙ୍କୁ ମିଳୁଛି ପ୍ଲାଷ୍ଟିକ ଚାଉଳ



ବାମପଟ ପ୍ରକୃତ ଚାଉଳ, ଡାହାଣ ପଟ ମିଳୁଥିବା ଚାଉଳ।

**ଚାଉଳ ଠିକ୍ ରହିଛି: ସିଏସଓ**

କେନ୍ଦୁଝର,୧୮।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଓ ଆଖପାଖ ପଞ୍ଚାୟତରେ ହିତାଧିକାରୀଙ୍କୁ ପ୍ଲାଷ୍ଟିକ ଚାଉଳ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି। ଫଳରେ ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି କୃତ୍ରିମ ବା ପ୍ଲାଷ୍ଟିକ ଚାଉଳ ବଣ୍ଟନ ସମ୍ପର୍କରେ ପଞ୍ଚାୟତ କର୍ମଚାରୀ କିଛି ଉତ୍ତର ଦେଇ ନ ଥିଲେ। ଏ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ(ସିଏସଓ) ବସନ୍ତ ପଣ୍ଡା କହିଛନ୍ତି, ଏହା ପ୍ଲାଷ୍ଟିକ ଚାଉଳ ନୁହେଁ। ଏସବୁ ଫର୍ଟିଫାଏଡ ଚାଉଳ। ପ୍ରତି କିଲୋ ଚାଉଳରେ ଶହେ ଗ୍ରାମ ପୁଷ୍ଟିକର ଭିଟାମିନ ମିଶ୍ରଣ କରାଯାଇଥାଏ। ଏଣୁ ଏଭଳି ଦେଖାଯାଉଛି ବୋଲି କହିଥିଲେ।

# ବାଲେଶ୍ୱର ଆଇନ କଲେଜ ପ୍ରିନ୍ସିପାଲ ବହିଷ୍କୃତ

ବାଲେଶ୍ୱର ଅଫିସ, ୧୮।୨

ଅନିୟମିତତା ପାଇଁ ଭିନ୍ନ ଭିନ୍ନ ସମୟରେ ନିଲମ୍ବିତ ହୋଇଥିବା ବାଲେଶ୍ୱର ଆଇନ ମହାବିଦ୍ୟାଳୟର ପ୍ରିନ୍ସିପାଲ ରବିନାରାୟଣ ପଣ୍ଡାଙ୍କୁ ପଦରୁ ବହିଷ୍କାର କରାଯାଇଛି। ପୂର୍ବରୁ ତାଙ୍କୁ ପକ୍ଷ ରଖିବା ପାଇଁ ସମୟ ଦିଆଯାଇଥିଲା। ତେବେ ନିର୍ଦ୍ଦିଷ୍ଟ ସମୟରେ ସପକ୍ଷରେ ଦେଇଥିବା ଉତ୍ତର ସନ୍ତୋଷଜନକ ନ ହେବାରୁ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ଗତ ୮ ତାରିଖରେ ବହିଷ୍କାର କରାଯାଇଛି। ଜିଲାର ଏହି ସମ୍ମାନଜନକ ଆଇନ ମହାବିଦ୍ୟାଳୟରେ କିଛି ବର୍ଷ ହେଲା ବେଆଇନ କାର୍ଯ୍ୟ ଚାଲୁଥିବା ଖବର ଚର୍ଚ୍ଚା ହୋଇଆସୁଥିଲା। ଅହେତୁକ ଅନୁକମ୍ପା ପାଇ ପଶ୍ଚିମବଙ୍ଗରୁ ୯୦ ପ୍ରତିଶତ ଛାତ୍ରୀଛାତ୍ର ବାଲେଶ୍ୱର ଆଇନ ମହାବିଦ୍ୟାଳୟରେ ନାମ ଲେଖାଉଥିଲେ। ପ୍ରିନ୍ସିପାଲ ପଣ୍ଡା କାର୍ଯ୍ୟକାରୀ କମିଟିରେ ଅନୁମୋଦନ ବିନା କର୍ମଚାରୀ ନିଯୁକ୍ତି, ପିଲାମାନଙ୍କଠାରୁ ଭୁଲ୍ ସାର୍ଟିଫିକେଟରେ ଆଡ୍‌ମିଶନ କରାଇବା, ଅଧିକ ମାତ୍ରାରେ ଅର୍ଥ ଆଦାୟ କରାଯିବା, ଏସ୍‌ସି/ଏସ୍‌ଟି ପିଲାଙ୍କର ଜାଲ ସାର୍ଟିଫିକେଟ ମାଧ୍ୟମରେ ଆଡ୍‌ମିଶନ କରାଇବା, ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ଲକ୍ଷାଧିକ ଅର୍ଥ କଲେଜ ଆକାଉଣ୍ଟରେ ଜମା ନ କରିବା, ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣରେ ମାତ୍ରାଧିକ ବ୍ୟୟ କରିବା ଓ ନିଜେ ସବୁ କିଛି ବୁଝିବା, କୋଭିଡ୍ ସମୟରେ ଏଲ୍‌ଏଲ୍‌ଏମ୍ ଆଡ୍‌ମିଶନ ପାଇଁ ଅଧିକ ଅର୍ଥ ନେବା ଆଦି ଅଭିଯୋଗ ହୋଇଥିଲା। ଏନେଇ ଅଡ଼ିଟ୍ ରିପୋର୍ଟ ମଧ୍ୟ ତାଙ୍କ ବିରୋଧରେ ଯାଇଥିଲା। ସମସ୍ତ ଅଭିଯୋଗ ସମ୍ପର୍କରେ ଗତ ୨୦୨୨ ଅଗଷ୍ଟ ୨ତାରିଖରେ ଆଲୋଚନା କରାଯାଇଥିଲା ଓ ପଣ୍ଡାଙ୍କୁ ସଭାପତି ଏ ସମ୍ପର୍କରେ ପଚାରିଥିଲେ। ସେ ଏହାକୁ ସ୍ୱୀକାର କରିବା ସହିତ ଭୁଲ୍ ହୋଇଛି ବୋଲି କହିଥିଲେ। ରିଜୋଲୁସନ ଖାତାରେ ମଧ୍ୟ ଦସ୍ତଖତ କରିଥିଲେ। ପୁଣି ଗତ ୨୦୨୨ ଅଗଷ୍ଟ ୩୦ ତାରିଖରେ ପ୍ରିନ୍ସିପାଲଙ୍କ ଆର୍ଥିକ ଅନିୟମିତତା ସମ୍ପର୍କରେ ଆଲୋଚନା କରାଯାଇ ସର୍ବସମ୍ମତ ତଦନ୍ତ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ତଦନ୍ତ ଚାଲୁଥିବା ବେଳେ ମଧ୍ୟ ବିଭିନ୍ନ କମିଟି ରିପୋର୍ଟ ଅନୁସାରେ ପ୍ରିନ୍ସିପାଲ ପଣ୍ଡାଙ୍କୁ ୪ଟି କାରଣ ଦର୍ଶାଅ ନୋଟିସ୍ ଗତ ୨୦୨୨ ସେପ୍ଟେମ୍ବର ୧୯, ଅକ୍ଟୋବର ୧ ଓ ୧୭ ଏବଂ ନଭେମ୍ବର ୧୨ ତାରିଖରେ ରେଜିଷ୍ଟ୍ରି ଡାକ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ମାତ୍ର ଉପରୋକ୍ତ ନୋଟିସ୍‌ର କୌଣସି ସନ୍ତୋଷଜନକ ଉତ୍ତର ସେ ଦେଇ ପାରି ନ ଥିଲେ। ଫଳରେ ଗତ ୮ ତାରିଖରେ ତାଙ୍କୁ ବହିଷ୍କାର କରାଯାଇଛି।

# ୪ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ଅନ୍ୟମାନେ।

ପାଟଣା,୧୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ବୈତରଣୀ ନଦୀ ଅବବାହିକାରେ ଶନିବାର ଓଡ଼ିଶା ଜଳ ସମ୍ପଦ ବିଭାଗ ପକ୍ଷରୁ ୪ ଉଠା ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିସହ ଚମ୍ପୁଆ ବ୍ଲକ୍‌ରେ ହୋଇଥିବା କଙ୍କଡ଼ା ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇଥିଲେ।

ମୁରୁସୁଆଁ ପଞ୍ଚାୟତ ଧୁରୁଆପଡ଼ାଠାରେ ୨ ପୁନରୁଦ୍ଧାର ପ୍ରକଳ୍ପ ପାଇଁ ୪୦ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ ୪୦ ହେକ୍ଟର ଜମିକୁ ଜଳ ସେଚନ ହେବାର ଧାର୍ଯ୍ୟ ରହିଛି। ସେହିଭଳି ସାହାରପଡ଼ା ବ୍ଲକ୍ ଉଦୟପୁର ପଞ୍ଚାୟତ ରାୟପୁରର ୨ଟି ପୁନରୁଦ୍ଧାର ପ୍ରକଳ୍ପ ପାଇଁ ୪୦ ଲକ୍ଷ ଟଙ୍କା ଓ ୪୦ହେକ୍ଟର ଜମି ଜଳ ସେଚିତ ହେବାର ଧାର୍ଯ୍ୟ ହୋଇଛି। ଚମ୍ପୁଆ ବ୍ଲକ୍ ଜଜପଶି ପଞ୍ଚାୟତ କଙ୍କଡ଼ା ଗ୍ରାମରେ ୩୨ ଲକ୍ଷ ବ୍ୟୟରେ ୨୦ ହେକ୍ଟର ଜମିକୁ ଜଳସେଚନ ପାଇଁ ଉଦ୍ଦିଷ୍ଟ ଉଠା ଜଳ ସେଚନ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜଳ ସମ୍ପଦ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଦେବ ସେଠୀ, କେନ୍ଦୁଝର ସବ୍‌ଡିଭିଜନ ସହକାରୀଯନ୍ତ୍ରୀ ବୁଦ୍ଧୁ ରାୟ ସାଙ୍ଗେ ଶୟଦ, ଚମ୍ପୁଆ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ନାୟକ, ସହକାରୀ ବିଦ୍ୟୁତ ବିଭାଗ ଯନ୍ତ୍ରୀ ବାଦଲ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। କଙ୍କଡ଼ାଠାରେ ଯୁବନେତା ଭାଗିରଥୀ ଦାଶ, ଯଦୁମଣି ନାଏକ, କିଶୋର ବେହେରା ଉପସ୍ଥିତ ଥିଲେ। ୫ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ୧ ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଜମି ଜଳ ସେଚିତ ହେବ ବୋଲି ବିଧାୟକ ନାଏକ କହିଛନ୍ତି।

**୧ ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଜମି ଜଳ ସେଚିତ ହେବ**

**ଜିଲା ଯୋଜନା କମିଟି ବୈଠକ**




ବୈଠକରେ ଉପସ୍ଥିତ ଏମପି, ବିଧାୟକ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ,୧୮।୨

ବାଲେଶ୍ୱର ଜିଲା ପରିଷଦ ସଭାଗୃହରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜିଲା ଯୋଜନା କମିଟିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧକ୍ଷତା କରିବା ସହିତ ଜିଲାର ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଜିଲାର ବିଭିନ୍ନ ଅଞ୍ଚଳରେ ଖର୍ଚ୍ଚ ପାଇଁ ୨୪ଟି ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ହୋଇଥିବା ପ୍ରାୟ ୩୨୨୩ କୋଟି ଟଙ୍କା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୩୮୫୮କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ପ୍ରମୁଖଙ୍କ ସମେତ ଜିଲାର ଅନ୍ୟାନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ଗୃହର ନିର୍ଦ୍ଦେଶ କ୍ରମେ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗ ଦ୍ୱାରା ଜିଲାରେ କରାଯିବାକୁ ଥିବା ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ପରିଷଦର ସଦସ୍ୟାସଦସ୍ୟ, ବିଭିନ୍ନ ବ୍ଲକର ବିଡିଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଖଣ୍ଡଳମଣି ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

## ମହାଶିବରାତ୍ରିରେ ମାନସିକ ଦୀପ ଜାଳିଲେ

ଆରଡ଼ି, ୧୮।୨(ଡି.ଏନ୍.ଏ.)

ଜାଗର ପାଇଁ ଶନିବାର ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଉତ୍ସବମୁଖର ହୋଇଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପ୍ରାତଃ ୫ଟା ୪୫ଠାରୁ ରାତି ୧୧ଟା ୩୦ ପର୍ଯ୍ୟନ୍ତ ବାବା ଆଖଣ୍ଡଳମଣିଙ୍କୁ ଦିଗମ୍ବର ବେଶରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ବାବାଙ୍କର ପ୍ରିୟ ଘର୍ଷଣ ଭୋଗ ଲାଗି କରିଥିଲେ। ଦିନତମାମ ପୀଠକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଲମ୍ବା ଲାଇନରେ ଆସି ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ କରିଥିଲେ। ଚଳିତବର୍ଷ ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ କରାଯାଇଥିବା ବେଳେ ମନ୍ଦିର ବେଢ଼ାରେ ନବଗ୍ରହ, ଦଶାବତାର ଓ ଦୁର୍ଗା, କାଳୀ, ଲକ୍ଷ୍ମୀ, ହନୁମାନ ଆଦି ଦେବଦବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଶ୍ରଦ୍ଧାଳୁମାନେ ଦିଅଁ ଦର୍ଶନ ସାରି ବେଢ଼ା ପରିକ୍ରମା କରି ଏସବୁ ମୂର୍ତ୍ତି ଦେଖି ଖୁସିବ୍ୟକ୍ତ କରିଥିଲେ। ଫୁଲ ଓ ଆଲୋକରେ ମନ୍ଦିର ସାଜସଜ୍ଜା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଶିବଗଙ୍ଗା ପୁଷ୍କରିଣୀ ଚତୁପାର୍ଶ୍ୱରେ ମାନସିକ ଦୀପ ଜାଳି ଉଜାଗର ରହିଥିଲେ। ରାତି ୧ଟା ୩୦ରେ ବାବା ଆଖଣ୍ଡଳମଣିଙ୍କ ସୁନାବେଶ ହୋଇଥିଲା। ଭୋର ୫ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା।

ବିଭିନ୍ନ ରାଜନୈତିକ ଦଳର ନେତା, ପୂର୍ବତନ ବିଧାୟକ, ମନ୍ତ୍ରୀ ମହାଶିବରାତ୍ରିରେ ପୀଠକୁ ଆସି ଦିଅଁ ଦର୍ଶନ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ଥାନୀୟ ଅଞ୍ଚଳର ଯୁବକ ସଂଘ ସଦସ୍ୟମାନେ ପୀଠ ସଫେଇ କରିବା ସହ ଭକ୍ତମାନଙ୍କୁ ସରବତ ଯୋଗାଇ ଦେଇଥିଲେ। ଆରଡ଼ି ପାନ୍ଥନିବାସ ନିକଟରେ ୪ ଚକିଆ ଓ ବସ୍‌ଷ୍ଟାଣ୍ଡରେ ୨ ଚକିଆ ଯାନ ଅଟକାଇ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା।


ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

### ପୀଠ ବୁଲି ସୁବିଧା ଅସୁବିଧା ବୁଝିଲେ ଜିଲାପାଳ

ଭକ୍ତମାନେ କିପରି ସୁଚାରୁ ରୂପେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିପାରିବେ ସେନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପୀଠ ବୁଲି ଶ୍ରଦ୍ଧାଳୁମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଉପଜିଲାପାଳ ମନୋଜ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମନ୍ଦିର ପରିଚାଳକ ସୁଧାକର ପଲାଇ ଓ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ପୀଠରେ ଉପସ୍ଥିତ ଥିଲେ।

### ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ପୀଠରେ ଭିଡ଼କୁ ଲକ୍ଷ୍ୟ କରି ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେର୍କେଟାଙ୍କ ସମେତ ୬ ଡିଏସ୍‌ପି ଓ ୭ ଇନ୍ସପେକ୍ଟର ପୀଠରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ। ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଧୂଷୁରୀ ଥାନାଧିକାରିଣୀ ସୁକାନ୍ତି କେରେଇ ଓ ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ ତଦାରଖ କରିଥିଲେ।

### ନଦୀଘାଟରେ ସଜାଗ ଦମକଳ ବାହିନୀ, ଓଡ୍ରାଫ ଟିମ୍

ମୁଆଁ, ତିନିତର ଓ ଧାନଖଣିଆ ଘାଟରେ ଭୁଟୁଭୁଟି ସାହାଯ୍ୟରେ ସୀମିତ ସଂଖ୍ୟକ ଭକ୍ତଙ୍କୁ ନଦୀ ପାର୍ ବ୍ୟବସ୍ଥା କରାଯାଇଥିଲା। ଏସବୁ ନଦୀ ଘାଟରେ ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ସଜାଗ ରହିଥିଲେ।

### ମହିଳା ଭକ୍ତଙ୍କଠାରୁ ୮ ମୋବାଇଲ ଚୋରି

ମହିଳା ଭକ୍ତମାନେ ଧାଡ଼ିରେ ଆସୁଥିବା ବେଳେ ସେମାନଙ୍କ ପର୍ସ ଓ ଭ୍ୟାନିଟିରୁ ପ୍ରାୟ ୮ ମୋବାଇଲ ଫୋନ ଚୋରି ହୋଇଥିବା ଜିଲା ସୂଚନା ଅଧିକାରୀ ସୂଚନା ଦେଇଥିଲେ।

# ଅସୁସ୍ଥ ମା'ଙ୍କୁ କାନ୍ଧରେ ବସାଇ ମନ୍ଦିର ବୁଲାଇଲେ ପୁଅ


ମା'ଙ୍କୁ କାନ୍ଧରେ ବସାଇ ନିରଞ୍ଜନ ମନ୍ଦିର ଭିତରୁ ବାହାରୁଛନ୍ତି।

ଖଇରା, ୧୮।୨(ଡି.ଏନ.ଏ.)

କାର୍ଯ୍ୟବ୍ୟସ୍ତତା ଆଳରେ ଅନେକ ପିଲାମାନେ ତାଙ୍କ ବୃଦ୍ଧ ମାତା ପିତାଙ୍କୁ ସମୟ ଦେଇପାରୁନାହାନ୍ତି। କେତେକ କ୍ଷେତ୍ରରେ ଜରାଶ୍ରମରେ ଛାଡିବାକୁ ମଧ୍ୟ ପଛାଉନାହାନ୍ତି। ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତର ବାରିଙ୍ଗିଆ ଗ୍ରାମର ନିରଞ୍ଜନ ଅନ୍ୟ ପୁଅମାନଙ୍କ ପାଇଁ ଆଦର୍ଶ ବୋଲି କୁହାଯାଇପାରେ।

ନିରଞ୍ଜନ ନିଜର ଅସୁସ୍ଥ ବୃଦ୍ଧା ମା' କାଳୀ(୯୦)ଙ୍କୁ ଶନିବାର କାନ୍ଧରେ ବସାଇ ଖଇରା ବ୍ଲକର ବିଭିନ୍ନ ଶୈବପୀଠ ବୁଲାଇଛନ୍ତି । ୬ କି.ମି. ଦୂର ବକ୍ରେଶ୍ୱର ସମେତ ଲଙ୍କେଶ୍ୱର ଭଳି ମନ୍ଦିର ବୁଲାଇ ମା'ଙ୍କ ଇଚ୍ଛାକୁ ସାର୍ଥକ କରିଛନ୍ତି। କେବଳ ଏହି ବର୍ଷ ନୁହେଁ ୬ବର୍ଷ ହେଲା ସେ ଦୁର୍ଗାପୂଜା, କାଳିପୂଜା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ମା'ଙ୍କୁ କାନ୍ଧରେ ନେଇ ଠାକୁର ଦେଖାଉଥିବା ନିରଞ୍ଜନ ପ୍ରକାଶ କରିଛନ୍ତି। ୧୨ବର୍ଷ ଧରି ତାଙ୍କ ମା' ଅସୁସ୍ଥ ଅଛନ୍ତି। ସେ ଏ ଯୁଗର ଶ୍ରବଣ କୁମାର ବୋଲି ଏ ଦୃଶ୍ୟ ଦେଖିବା ପରେ ଲୋକେ କୁହାକୁହି ହେଉଛନ୍ତି।

# ମାଣତ୍ରୀ ଜାଗରମେଳା ଭକ୍ତମୟ


ଜାଗରମେଳାକୁ ଆସିଥିବା ଶ୍ରଦ୍ଧାଳୁମାନେ।

ବଡ଼ସାହି,୧୮।୨(ସ୍ୱ.ପ୍ର)

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମୟୂରଭଞ୍ଜ ଜିଲାର ବଡ଼ସାହି ବ୍ଲକ୍ ଅନ୍ତର୍ଗତ ମାଣତ୍ରୀ ଜାଗର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶନିବାର ଭୋର ୪ଟାରୁ ଠାକୁରଙ୍କ ପହଡ଼ ଭଙ୍ଗା ନୀତି ପରେ ବାଲ୍ୟ ଭୋଗ ଲାଗି ହୋଇଥିଲା। ସକାଳ ୫ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭୋର ଚାରିଟା ବେଳକୁ ମହଦୀପ ଉଠିବ ଏବଂ ତାପରେ ସୁନାବେଶ ହେବ ବୋଲି ମନ୍ଦିର ପରିଛା ପ୍ରଦୀପ ପଣ୍ଡା କହିଛନ୍ତି। ଶହ ଶହ ଭକ୍ତଙ୍କ ଦଣ୍ଡବତ ଦୃଶ୍ୟ ଅତ୍ୟନ୍ତ ନିଆରାଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜଣେ ଡିଏସପିଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

# ବିଶ୍ୱନାଥ ମନ୍ଦିରରେ ଶିବଭକ୍ତଙ୍କ ଭିଡ଼

ଢେଙ୍କିକୋଟ,୧୮।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ବାବା ବିଶ୍ୱନାଥ ମହାଦେବ ମନ୍ଦିରରେ ଶିବରାତ୍ରୀ ଧୁମଧାମରେ ପାଳନ ହେଉଛି। ଶନିବାର ସକାଳୁ ମହାଦେବ ଦର୍ଶନ ପାଇଁ ଶହସ୍ରାଧିକ ଶିବ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପୂଜକ ଶ୍ରୀନିବାସ ସତପଥୀ ପୂଜାର୍ଚ୍ଚନା କରିଥିବା ବେଳେ ପୂଜକ ବେଣୁଧର ଦାସ, ଅଜୈତ ସତପଥି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପୁରଧା ରବିନ୍ଦ୍ର ସାହୁଙ୍କ ସଂକଳ୍ପ ପରେ ପୂଜା କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରଫେସର ଯୁଗୋଳ କିଶୋର ଦାସ, କାର୍ଯ୍ୟକାରୀ ସଭାପତି କୂଳମଣି ମଣ୍ଡଳ, ସମ୍ପାଦକ ଅନାଦୀ ଚରଣ ସିଂହ, ଉପସଭାପତି ରାମଚନ୍ଦ୍ର ସାହୁ ଏବଂ ସକ୍ରିୟ ସଦସ୍ୟ ନୀଳମଣୀ ମଣ୍ଡଳ ପ୍ରମୁଖ ପରିଚାଳନା କରିଥିଲେ। ସମ୍ବଲପୁର ଷ୍ଟେଟ ବ୍ୟାଙ୍କ ଶାଖାର ବରିଷ୍ଠ ଶାଖା ପରିଚାଳକ ପ୍ରଫୁଲ୍ଲ ସିଂହ ମନ୍ଦିରର ଆଳତି ନିମନ୍ତେ ଅତ୍ୟାଧୁନିକ ବିଦ୍ୟୁତ ଚାଳିତ ବାଦ୍ୟଯନ୍ତ୍ର ପ୍ରଦାନ କରିଥିଲେ। ସେହିପରି ଗ୍ରାମାଞ୍ଚଳର ବିଭିନ୍ନ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।


ବିଶ୍ୱନାଥ ମନ୍ଦିର ଫାଟକ ସମ୍ମୁଖରେ ଶ୍ରଦ୍ଧାଳୁ।

# ଲଙ୍ଗଳେଶ୍ୱର ଶୈବପୀଠ ଚଳଚଞ୍ଚଳ

**ଲଙ୍ଗଳେଶ୍ୱର,୧୮।୨(ଡି.ଏନ.ଏ.):** ବାଲେଶ୍ୱର ଜିଲାର ସର୍ବ ପୁରାତନ ବାବା ଲଙ୍ଗଳେଶ୍ୱର ଶୈବପୀଠରେ ମହାଶିବରାତ୍ରୀ ଉପଲକ୍ଷେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଗହଳି ହୋଇଥିଲା। ବାବା ଲଙ୍ଗଳେଶ୍ୱରଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଛୁଟି ଆସିଛନ୍ତି।

ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଯୋଗୁ ଜାଗର ଯାତ୍ରା ବନ୍ଦ ରହିଥିଲା। ଚଳିତବର୍ଷ କୋଭିଡ୍ କଟକଣା ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଶାନ୍ତି ଶୃଙ୍ଖଳାରେ ଏବଂ ସୁରୁଖୁରୁରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବାଲିଆପାଳ ଥାନାଅଧିକାରୀ ସୁବ୍ରତ ବେହେରା ଲଙ୍ଗଳେଶ୍ୱର ଶୈବପୀଠ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।


ଲଙ୍ଗଳେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼ ।

# ଉତ୍ସବମୁଖର ଶୈବପୀଠ

ଗୋପବନ୍ଧୁ ନଗର, ୧୮।୨(ଡି. ଏନ. ଏ.)

ଜାଗର ପାଇଁ ଶନିବାର ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଶୈବପୀଠ ଉତ୍ସବମୁଖର ହୋଇଥିଲା। ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ଚତୁରୀ, ଗଦାଧର କୁଆଁରୀପୁର ଶାସନ, ସିମିଳାବନ୍ଧ, କୁଆମରା ହରିହର ପୀଠ, ନୃସିଂହନାଥ ପୀଠ, ପଟୁଆ ବଣୁଆ ମହାଦେବ, ସିକିଡିଆ, ଉପରକଡଦା, ଖଡିକାପଦା, ଆଖଣ୍ଡଳମଣି ପୀଠ, ରାଣୀବନ୍ଧ ପଞ୍ଚାୟତ ଛୁରୁଣୀ ନିକଟସ୍ଥ ମେଘା ଆଦି ପୀଠରେ ସକାଳୁ ରାତି ପର୍ଯ୍ୟନ୍ତ ଭକ୍ତମାନଙ୍କ ଭିଡ଼ ଲାଗିରହିଥିଲା। ବିଭିନ୍ନ ପୀଠରେ ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ ଓ ପାଲା ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁସୁମିଆ ଗ୍ରାମରେ ପ୍ରତିବର୍ଷ ଭଳି ଶୈବପୀଠରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି।



# ଜାଗର ଜାଳି ଶୁଭ ମନାସିଲେ

ଭୋଗରାଇ, ୧୮।୨(ଡ଼ି.ଏନ.ଏ.)

ଭୋଗରାଇ ସୀମାନ୍ତ ହୁଗୁଳି ଗ୍ରାମରେ କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ଏବଂ ସୁବର୍ଣ୍ଣରେଖା ନଦୀପାର୍ଶ୍ୱସ୍ଥ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ପ୍ରତ୍ୟୁଷରୁ ଶୈବଭକ୍ତଙ୍କ ପୂଜାର୍ଚ୍ଚନା, ଜଳାଭିଷେକ, ଆରାଧନା, ନୀତିକାନ୍ତି ପୂଜା, ରୁଦ୍ରାଭିଷେକରେ ସମଗ୍ର ଅଞ୍ଚଳ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କ ପ୍ରବଳ ଭିଡରେ ସେବାୟତ ଓ ପୋଲିସ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଦୂରଦୂରାନ୍ତରୁ ଜାଗର ଜାଳିବାକୁ ଆସିଥିବା ଶୈବଭକ୍ତଙ୍କ ଆଗମନରେ ଚନ୍ଦନେଶ୍ୱର ମନ୍ଦିର ଏକପ୍ରକାର ଭକ୍ତମୟ ହୋଇଥିଲା। ମନ୍ଦିରର ପୂର୍ବ ସିଂହଦ୍ୱାର ଭକ୍ତଙ୍କ ସକାଶେ ପ୍ରବେଶ ଓ ଦକ୍ଷିଣପାର୍ଶ୍ୱ ପ୍ରସ୍ଥାନ ପାଇଁ ପୋଲିସକୁ ବ୍ୟାରିକେଡ କରିବାକୁ ପଡିଥିଲା। ସନ୍ଧ୍ୟାରେ ମନ୍ଦିରରେ ଦୀପ ଜାଳିବାକୁ ଆସିଥିବା ଅସଂଖ୍ୟ ମହିଳା ସ୍ଥାନାଭାବରୁ ମନ୍ଦିର ପାଚେରି ଓ ସେବାୟତଙ୍କ ଘର ଉପରେ ଦୀପ ଜାଳିଥିବା ବେଳେ ଅଧିକାଂଶ ଶ୍ରଦ୍ଧାଳୁ ମନଦୁଃଖରେ ଦୀପ ଜାଳି ନ ପାରି ଫେରିଥିଲେ। ଭୋଗରାଇ ଚୌକି ଗ୍ରାମର ନୀଳକଣ୍ଠେଶ୍ୱର, ଦେଉଳାହାଟରେ ଅନନ୍ତ ପୁରୁଷୋତ୍ତମ, ଭୋଗରାଇ ଓ କମର୍ଦ୍ଦାରେ ବାରଦେଉଳି, କୁମ୍ଭାରମୁଳିରେ ଧବଳେଶ୍ୱର, କଳାହିରେ ସିଦ୍ଧେଶ୍ୱର, ଗୋବର୍ଦ୍ଧନପୁରରେ ଝଗ ପୁଟିଣାରେ ପୁଟିଣେଶ୍ୱର, କୁସୁଡାରେ ବଡବରେ ଅଷ୍ଟଶମ୍ଭୁ ସହିତ ପସରବିନ୍ଧା, ଭୋଗରାଇ ଲକ, ମହେଶପୁର, ବାଉଁଶଡିହାଠାରେ ଶତାଧିକ ଗ୍ରାମୀଣ ମହାଦେବଙ୍କଠାରେ ମହିଳା ଶୈବଭକ୍ତମାନେ ମହାଦେବଙ୍କୁ ଆରାଧନା କରିଥିଲେ।



ଚନ୍ଦନେଶ୍ୱର ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଯୋଗେନ୍ଦ୍ର


@ମାମୁନ


@ଜିଲୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ହରିହରଙ୍କ ମିଳନ ପରମ୍ପରା



ଭଣ୍ଡାରିପୋଖରୀ, ୧୮।୨ (ସ୍ୱ.ପ୍ର.)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି। ମାଳଦା ଛୋଟେଶ୍ୱର, ଭୋଳେଶ୍ୱର ମନ୍ଦିର, ଆଖୁଆପଦା ହରପାର୍ବତୀ ପୀଠଠାରୁ ଆରମ୍ଭ କରି ସମସ୍ତ ଶିବ ମନ୍ଦିରରେ ସକାଳୁ ପୂଜା ଆରମ୍ଭ ହୋଇଥିଲା। ରହଣିଆ ପଞ୍ଚାୟତ ରାଢୋ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ ଏକ ନିଆରା ପରମ୍ପରା ରହିଛି। ଦୀର୍ଘ ୪୦ ବର୍ଷ ହେଲା ପୀଠରେ ମହାଶିବରାତ୍ରି ଧୁମ୍‌ଧାମ୍‌ରେ ପାଳିତ ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ଅହୋରାତ୍ର ହରିନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ମହାଶିବରାତ୍ରି ଅବସରରେ ହରିନାମ ସଂକୀର୍ତ୍ତନ, ହରିହରଙ୍କ ମିଳନ ଉତ୍ସବ ପାଳନ କରାଯାଇଆସୁଛି। ଜାଗର ଯାତ୍ରା ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ, ସରପଞ୍ଚ ଦେବଦାସୀ ଜେନା, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବଦ୍ରିନାରାୟଣ ରାଉତ, ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ସମିତି ସଭାପତି ମୁକୁନ୍ଦ ମଲ୍ଲିକ, ସାମାଜିକ କର୍ମୀ ଶରତ ଚନ୍ଦ୍ର ଜେନା, ବନମାଳୀ ପୃଷ୍ଟି, ସରପଞ୍ଚ ଅମୂଲ୍ୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

